**ବଣଭୋଜି କରିବାକୁ ଯାଇ ଯୁବକ ନିଖୋଜ**

ଚମ୍ପୁଆ,(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ କେଶରିକୁଣ୍ଡଠାରେ ଭୋଜି କରିବାକୁ ଯାଇ ଯୁବକ ନିଖୋଜ ହୋଇଥିବା ଜଣାଯାଇଛି। ନିଖୋଜ ଯୁବକ ହେଲେ ଚମ୍ପୁଆ ଥାନା ଅଧୀନ କରଞ୍ଜିଆର ସୁରତ ଗିରି (୩୫)। ନିଖୋଜ ହେବାପରେ ସାଙ୍ଗମାନେ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଉଭୟ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ଲେଖା ହେଲା ବେଳକୁ ଯୁବକଙ୍କ କୌଣସି ଖବର ମିଳି ନ ଥିଲା।

**ସଂକ୍ଷେପରେ**

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଭୋଗରାଇ,୧୭।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅନ୍ତର୍ଗତ ବେଲଦା ଗାଁର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ତାଙ୍କ ଘରବାଡ଼ିରୁ ରବିବାର ପୋଲିସ ଜବତ କରିଛି। ଏନେଇ କମର୍ଦ୍ଦା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଘରୋଇ କଳହରୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଗ୍ରାମବାସୀ କହିଛନ୍ତି। ମୃତ ମହିଳା ଜଣକ ହେଲେ ଖୁଦିରାମ ବେରାଙ୍କ ସ୍ତ୍ରୀ ମଞ୍ଜୁରାଣୀ। ସୂଚନା ଅନୁଯାୟୀ, ସକାଳେ ମଞ୍ଜୁରାଣୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ତାଙ୍କ ଘର ବାଡ଼ିରେ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଏହି ଘଟଣା ପ୍ରଚାରିତ ହେବା ମାତ୍ରେ ସେଠାରେ ପ୍ରବଳ ଜନଗହଳି ସୃଷ୍ଟି ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ନିକଟରେ ଏକ କିରୋସିନି ଜାର ପଡ଼ି ରହିଥିଲା ବୋଲି ଗ୍ରାମବାସୀ କହିଛନ୍ତି। କମର୍ଦ୍ଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା

ଖଇରା,୧୭।୧୨(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟାଦଶ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ରାଧାକାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଭୂମିକା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥିଙ୍କ କ୍ରୀଡା ପତାକା ଉତ୍ତୋଳନ ପରେ ଶ୍ରୀୟାଶୀ ବାରିକ ଶପଥ ପାଠ କରାଇଥିଲେ। ପ୍ରାରମ୍ଭରୁ ୭ମ ଶ୍ରେଣୀ ଯାଏ ମୋଟ ୧୮୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼,ଲମ୍ଫଡିଆଁ,ଉଚ୍ଚଡିଆଁ,ସର୍ଟପୁଟ, ବାଧା ଦୌଡ଼ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତହୋଇଥିଲା। ଗୁରୁମା ଅହଲ୍ୟା ପାଣୀ, ଇତିଶ୍ରୀ ନାୟକ, କବିତା ପାଣିଗ୍ରାହୀ, ମଧୁସ୍ମିତା ଜେନା, ଦିପ୍ତୀଶିଖା ପାଣି, ମିତା ପାତ୍ର, ସବିତା ମହାନ୍ତି, ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ପ୍ରଭାକର ଓଝା, ବଳରାମ ଲେଙ୍କା, ପଙ୍କଜ ମହାନ୍ତି, ଡମ୍ବରୁ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଫ୍ଲାଏଓଭର ଉପରୁ ଖସି ଶ୍ରମିକ ଗୁରୁତର

ଯୋଡ଼ା,୧୭।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ଦେଇ ନିର୍ମାଣଧୀନ ଫ୍ଲାଏ ଓଭର କାର୍ଯ୍ୟ ଚାଲିଥିବା ବେଳେ ଶନିବାର ଜଣେ ଶ୍ରମିକ ୪୬ ନମ୍ବର ପିଲରରୁ ପ୍ରାୟ ୨୫ଫୁଟ ଉପରୁ ଖସି ପଡ଼ି ଗୁରୁତର ହୋଇଛନ୍ତି। ଶ୍ରମିକ ଜଣଙ୍କ ଝାଡ଼ଖଣ୍ଡ ରାଜ୍ୟର ବୋକାରୋ ଜିଲା ଅନ୍ତର୍ଗତ ଆରାଜୁ ଗ୍ରାମର ରାଜନ ସିଂ(୩୬)। ଠିକାଦାର ରାଜବଂଶ ତିୱାରୀଙ୍କ ପାଖରେ ରଡ୍‌ବାଇଣ୍ଡିଂ ମିସ୍ତ୍ରୀ ଭାବେ କାମ କରିଆସୁଥିଲେ। ସେ ସିଡ଼ିରୁ ଓହ୍ଲାଉଥିବା ସମୟରେ ସିଡି ସହ ଓଲଟି ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଟାଟା ଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲ। ସେଠାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ଡାକ୍ତର କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।

## 'ଶୀର୍ଷ ସ୍ଥାନ ଅଧିକାରର ମୂଳମନ୍ତ୍ର ଆତ୍ମବିଶ୍ୱାସ'

ତିହିଡ଼ି,୧୭।୧୨(ସଞ୍ଜିତ ବଳ)

ନିଜର ଲକ୍ଷ୍ୟପଥ ନିର୍ଦ୍ଦିଷ୍ଟ କରି ଛାତ୍ରୀମାନେ ଆତ୍ମବିଶ୍ୱାସକୁ ଦୃଢ଼ କରିବା ଆବଶ୍ୟକ। କାରଣ ଆତ୍ମବିଶ୍ୱାସ ଶୀର୍ଷସ୍ଥାନ ଅଧିକାରର ମୂଳମନ୍ତ୍ର ବୋଲି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ପଞ୍ଚାୟତସ୍ଥିତ ମାଣିକଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଗିରୀଶ କୁମାର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ବିଜେଡି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁଜାତା ପଣ୍ଡା ଓ ଅଧ୍ୟାପିକା ମଧୁସ୍ମିତା ନାୟକ ଯୋଗ ଦେଇଥିଲେ। ଅଧ୍ୟାପକ ସତ୍ୟବ୍ରତ ବେହେରା ସ୍ୱାଗତ ଭାଷଣ ଓ ଅଧ୍ୟାପିକା ପ୍ରଣତି ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପକ୍ଷୀଙ୍କୁ ବିପଦ ଅସ୍ୱାସ୍ଥ୍ୟକର ପରିବେଶ

■ କେନ୍ଦୁଝରକୁ ବିଦେଶୀ ପକ୍ଷୀଙ୍କ ଆଗମନ

■ ସୁରକ୍ଷା, ଜଳାଶୟ ସଫେଇ ଦାବି

କେନ୍ଦୁଝର,୧୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଶୀତ ବଢ଼ିଥିବା ବେଳେ ବିଦେଶୀ ପକ୍ଷୀଙ୍କ ଆଗମନ ମଧ୍ୟ ବଢ଼ିଲାଣି। ବିଶେଷକରି କେନ୍ଦୁଝର ସହରର ଜଗନ୍ନାଥପୁର, ମାଧପୁର, ବଡ଼ଶାସନ, ପାୱାରହାଉସ ଆଦି ସ୍ଥାନରେ ଥିବା ଜଳାଶୟରେ ଶହ ଶହ ସଂଖ୍ୟାରେ ବିଭିନ୍ନ ପ୍ରକାରର ବିଦେଶୀ ପକ୍ଷୀ ଦେଖିବାକୁ ମିଳୁଛି। ଏହି ପକ୍ଷୀଙ୍କୁ ଦେଖିବାକୁ ପକ୍ଷୀପ୍ରେମୀଙ୍କ ଭିଡ଼ ଜମୁଥିବା ବେଳେ କଳରବରେ ସହର ଗୁଞ୍ଜରିତ ହେଉଛି। ଜାନୁୟାରୀ ୧୦ରେ ପକ୍ଷୀ ଗଣନା ସମଗ୍ର ରାଜ୍ୟରେ ହେବାକୁ ଥିବାରୁ ସେ ସମୟରେ ବିଦେଶାଗତ ଓ ସ୍ଥାନୀୟ ପକ୍ଷୀଙ୍କ ସଂଖ୍ୟା କେତେ ଜଣାପଡ଼ିବ। ତେବେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ପକ୍ଷୀଙ୍କ ପ୍ରତି ବିପଦ ଆଶଙ୍କା ରହୁଥିବାରୁ ଏନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ପ୍ରକାଶ ଯେ, ବିଦେଶାଗତ ପକ୍ଷୀଙ୍କୁ ଶାନ୍ତ, ସୁସ୍ଥ ପରିବେଶ ଓ ଖାଦ୍ୟ ଆକୃଷ୍ଟ କରିଥାଏ। ଫଳରେ ଜଗନ୍ନାଥପୁର, ମାଧପୁର, ବଡ଼ଶାସନ ସମେତ ସହରରେ



ଏକ ଜଳାଶୟରେ ବିଦେଶୀ ପକ୍ଷୀ।

ଥିବା ୧୦ରୁ ଊର୍ଦ୍ଧ୍ୱ ପୋଖରୀ ଓ ଜଳାଶୟ ନିକଟରେ ଥିବା ବୁଦା ଓ ଗଛ ଉପରେ ପକ୍ଷୀ ଆଶ୍ରୟ ନେଉଛନ୍ତି। ବିଶେଷତଃ ଆମେରିକା ଓ କାନାଡ଼ାର ରେଡ୍ ହେଡେଡ୍ ଡକ୍, କିଙ୍ଗଫିସର, ବଚର ଆଦି କିସମର ପକ୍ଷୀ ଦେଖିବାକୁ ମିଳୁଛି। ତେବେ ଅନେକ ପୋଖରୀରେ ଦଳ ଭଳି ଅନାବନା ଗଛଲତା ତଥା ମଇଳା ଆବର୍ଜନା ସଫେଇ ହେଉ ନ ଥିବାରୁ ପକ୍ଷୀପ୍ରେମୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେହିପରି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ କେତେକ ପୋଖରୀ ବ୍ୟବହାର ହୋଇ ପାରୁ ନ ଥିବା ବେଳେ ଅନେକ ପୋଖରୀକୁ ସ୍ଥାନୀୟ ଲୋକେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ସଚେତନତା ଏବଂ ସୁରକ୍ଷା ଅଭାବରୁ ପକ୍ଷୀ ଶିକାର ହେଉଛି। ସ୍ଥାନୀୟ କେତେକ ଲୋକ ପକ୍ଷୀଙ୍କ ସୁରକ୍ଷା କରୁଛନ୍ତି। ପ୍ରଶାସନ ଉକ୍ତ ଲୋକଙ୍କୁ ନେଇ ଗୋଷ୍ଠୀଗତ ସୁରକ୍ଷା କରିବାକୁ ପଦକ୍ଷେପ ନେବା ଜରୁରୀ ବୋଲି ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି।

ପୋଖରୀ ସଫେଇ ହେଲେ ଅଧିକ ସଂଖ୍ୟାରେ ପକ୍ଷୀ ଆସିବେ, ଲୋକଙ୍କ ବ୍ୟବହାରଯୋଗ୍ୟ ହୋଇପାରିବ ବୋଲି ଜଗନ୍ନାଥପୁର ନିବାସୀ ତଥା ସାମାଜିକ କର୍ମୀ ଅଭୟ ଜେନା କହିଛନ୍ତି। ପ୍ରତ୍ୟେକ ବର୍ଷ ଏହି ପୋଖରୀକୁ ବହୁ ସଂଖ୍ୟାରେ ପକ୍ଷୀ ଆସନ୍ତି। ପୋଖରୀର ସଫେଇ ଏବଂ ପକ୍ଷୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଗଲେ ସେମାନେ ଅଧିକ ସଂଖ୍ୟାରେ ଆସିବେ ବୋଲି ସ୍ଥାନୀୟ ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି। ବିଶେଷକରି ଏହି ଋତୁରେ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ପକ୍ଷୀମାନେ ଏହି ଋତୁରେ ଅଣ୍ଡା ମଧ୍ୟ ଦେଇଥାନ୍ତି। ବିଶେଷ କରି ଜନ ବସତି ଅଞ୍ଚଳରେ ପକ୍ଷୀ ଅଧିକ ରହୁଛନ୍ତି ବୋଲି ଡିଏଫ୍‌ଓ ଧନ୍‌ରାଜ ଏଚ୍.ଡି କହିଛନ୍ତି।

# ଆମ୍ବୁଲାନ୍ସ ଧକ୍କାରେ ଶିଶୁ ଗୁରୁତର

## ନିଶାସକ୍ତ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା

ଭଦ୍ରକ, ୧୭।୧୨(ସନାତନ ରାଉତ)

ଭଦ୍ରକ ଗେଲପୁରସ୍ଥିତ ମାତୃ ଓ ଶିଶୁ ବିଭାଗ ମେଡିକାଲ ପରିସରରେ ରବିବାର ଆମ୍ବୁଲାନ୍ସ ଧକ୍କାରେ ଦେଢ଼ବର୍ଷର ଶିଶୁ ଗୁରୁତର ହୋଇଥିବା ବେଳେ ଶିଶୁର ମାଉସୀ ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ନିଶାସକ୍ତ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେବା ସହ ଡ୍ରାଇଭରଙ୍କ ସମେତ ଗାଡ଼ିରେ ଥବା ଅନ୍ୟ ଜଣେ ଯୁବକ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ମେଡିକାଲର କାର୍ଯ୍ୟରତ ସିକ୍ୟୁରିଟିମାନେ ଲୋକଙ୍କ କବଳରୁ ଉଦ୍ଧାର କରି ଡ୍ରାଇଭରଙ୍କୁ ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଅସୁରାଳିର ଅକ୍ଷୟ ପଲାଇଙ୍କ ଦେଢ଼ବର୍ଷର ପୁଅ ୩ଦିନ ଧରି ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଶିଶୁର ଅଜା କୋଠାର ଅଞ୍ଚଳର କାଳନ୍ଦୀ ପରିଡ଼ା ଓ ମାଉସୀ ଛବିରାଣୀ ତାକୁ ମେଡିକାଲରେ ରଖି ଚିକିତ୍ସା କରାଉଥିଲେ। ଅପରାହ୍ନ ୪ଟା ବେଳେ ଛବିରାଣୀ ଶିଶୁପୁତ୍ରକୁ କୋଳରେ ଧରି ମେଡିକାଲ ପରିସରରେ ଯାଉଥିବା ସମୟରେ ଆମ୍ବୁଲାନ୍ସ (ଓଡି ୨୨ ଆର୍ ୪୮୩୩) ଦ୍ରୁତଗତିରେ ଆସି ଧକ୍କା ଦେବାରୁ ଶିଶୁ ଛିଟିକି ଯାଇ କିଛି ଦୂରରେ ପଡ଼ିଥିଲା। ଖୁବ୍ ଜୋରରେ ଆଘାତ ଯୋଗୁ ମୁଣ୍ଡ ଫୁଲିଯିବା ସହ ନାକରୁ ରକ୍ତସ୍ରାବ ହୋଇ ଶିଶୁ ଗୁରୁତର ହୋଇଛି। ଛବିରାଣୀଙ୍କ ଅଣ୍ଟାରେ ମଧ୍ୟ ଆଘାତ ଲାଗିଛି। ଏହାବ୍ୟତୀତ ଦୋକାନ ପାଖରେ ଠିଆ ହୋଇଥିବା କେତେକ ଲୋକଙ୍କ ଆଡ଼କୁ ଆମ୍ବୁଲାନ୍ସ ମାଡ଼ିଯାଇଥିଲା। ବେପରୁଆ ଗତିରେ ଆମ୍ବୁଲାନ୍ସ ଆସୁଥିବା ଦେଖି ଠିଆ ହୋଇଥିବା ଲୋକେ ଦୌଡ଼ି ପଳାଇବାରୁ ବଡ଼ଧରଣର ଦୁର୍ଘଟଣା ଟଳିଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି। ପାନ, ଗୁଟ୍‌ଖା ଖାଉଥିବା ଲୋକଙ୍କୁ ମେଡିକାଲକୁ ପ୍ରବେଶ କରାଇ ଦିଆଯାଉ ନ ଥିବାବେଳେ ନିଶାସକ୍ତ ଡ୍ରାଇଭରଙ୍କୁ କିପରି ଆମ୍ବୁଲାନ୍ସ ଚଲାଇବାକୁ ଦିଆଯାଉଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

# ମାଲାମାଲ ହେଉଛନ୍ତି ଅସ୍ଥାୟୀ କର୍ମଚାରୀ



ନଡ଼ିଆ ଚାରା ରୋପଣ କରାଯାଇଛି।

ବାଲେଶ୍ୱର,୧୭।୧୨(ମାନସ ବିଶ୍ୱାଳ)

**ପ୍ଲାଣ୍ଟେଶନ୍ ପ୍ରୋଜେକ୍ଟ**

ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ଉଦ୍ୟାନ ବିଭାଗ ତତ୍ତ୍ୱାବଧାନରେ ଚାଲିଛି ପ୍ଲାଣ୍ଟେଶନ ପ୍ରୋଜେକ୍ଟ। ଏହି ଯୋଜନାରେ ନିଜର ଜମି ଥିବା ଚାଷୀମାନଙ୍କୁ ନଡ଼ିଆ, ଆମ୍ବ ଭଳି ଫଳଚାରା ରୋପଣ ପାଇଁ ସରକାର ସହାୟତା ଯୋଗାଇ ଦେଉଛନ୍ତି। କିନ୍ତୁ ଏହି ଯୋଜନାରେ ପ୍ରକୃତ ଚାଷୀମାନେ ଉପକୃତ ହେବା ପରିବର୍ତ୍ତେ ଉକ୍ତ ବିଭାଗରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀମାନେ ଚକ୍ରାନ୍ତ କରି ଅଧିକାରୀମାନଙ୍କ ସହାୟତାରେ ଚାଷୀଙ୍କ ସହାୟତା ରାଶି (ସବ୍‌ସିଡି)କୁ ଲୁଟିବାରେ ସଫଳ ହେଉଛନ୍ତି। ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ପଟ୍ରିପାଳ ପଞ୍ଚାୟତର ଚାଷୀ ମଦନ ମୋହନ ମଣ୍ଡଳଙ୍କ ପୁତ୍ର ଚନ୍ଦନ ଏବଂ ବାହାନଗା ବ୍ଲକ ସାହାସପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ବେହେରା ଏନେଇ ଜିଲାପାଳ ଏବଂ ଜିଲା ପରିଷଦ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ଚନ୍ଦନଙ୍କ ଅଭିଯୋଗ ଅନୁଯାୟୀ, ପଟ୍ରିପାଳ ପଞ୍ଚାୟତରେ ତାଙ୍କ ବାପାଙ୍କ ନାମରେ ଥିବା ଚାଷଜମିରେ ଉଦ୍ୟାନ ସାଥୀଙ୍କ ସହାୟତା ଏବଂ ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ୭୦ଟି ନଡ଼ିଆ ଚାରା ଲଗାଇଥିଲେ। ତାଙ୍କୁ ପାଖାପାଖି ୪୦ହଜାର ଟଙ୍କା ସବ୍‌ସିଡି ରାଶି ଆକାରରେ ମିଳିବା କଥା। ମାତ୍ର ୫ ହଜାର ଟଙ୍କା ମିଳିଥିବା ବେଳେ ତାଙ୍କ ଚାଷଜମି ନାମରେ ବାହାରିଥିବା ଆଇଡିକୁ ବ୍ୟବହାର କରି ଚକ୍ରାନ୍ତ ପୂର୍ବକ ବ୍ଲକର ଅଧିକାରୀମାନେ ଖରିଦ୍‌ମୁଖୁରା ପଞ୍ଚାୟତର ୪ ଜଣ ଓ ନୂଆପାଡ଼ୀ ପଞ୍ଚାୟତର ୨ଜଣ ଚାଷୀଙ୍କୁ ଉକ୍ତ ସବ୍‌ସିଡି ରାଶି ପ୍ରଦାନ କରିଥିବା ଚନ୍ଦନ ଅଭିଯୋଗ କରିଛନ୍ତି। ସେହିପରି ଫଳଚାରା ରୋପଣ କାର୍ଯ୍ୟକ୍ରମରେ ପ୍ରକୃତ ଚାଷୀଙ୍କ ସବ୍‌ସିଡି ଟଙ୍କା ଅନ୍ୟ ଚାଷୀଙ୍କ ନାମରେ ଉଦ୍ୟାନସାଥୀ ହଡ଼ପ କରୁଥିବା ନେଇ ବାହାନଗା ବ୍ଲକ ସାହାସପୁର ପଞ୍ଚାୟତର ଚାଷୀ ପୂର୍ଣ୍ଣଚନ୍ଦ୍ର ବେହେରା ଜିଲା ପରିଷଦ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବାଲେଶ୍ୱର ଜିଲାପରିଷଦ ଚିଫ୍ ଡେଭେଲପ୍‌ମେଣ୍ଟ କମ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତିକରି ତଦନ୍ତ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଚାଷୀଙ୍କୁ ଉପଯୁକ୍ତ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଘର ଭାଙ୍ଗିଲେ, ଧାନ ଖାଇଲେ କମୁନି ହାତୀ ଉପଦ୍ରବ

ଚମ୍ପୁଆ,୧୭।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ କମିବାରେ ନା ଧରୁନାହିଁ। ଶନିବାର ରାତିରେ ହାତୀପଲ ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ହଞ୍ଜପଶି ଗ୍ରାମରେ ପଶି ସତିଶ ଚନ୍ଦ୍ର ମହାନ୍ତ, ଶଙ୍କର୍ଷଣ ମହାନ୍ତଙ୍କ ଘର ଭାଙ୍ଗିବା ସହିତ ଘରେଥିବା ଧାନଚାଉଳ, ଖଳାରେ ଥିବା ୨୦୦ ଧାନବିଡ଼ା ଖାଇ ନଷ୍ଟ କରିଛନ୍ତି। ଏଥିସହ କଙ୍କଡ଼ାପାଟ ଅଞ୍ଚଳରେ ମାତ୍ରାଧିକ ପରିବା ଚାଷ ନଷ୍ଟ କରିଥିଲେ। ପଲରେ ୨୩ ହାତୀ ରହିଛନ୍ତି। ଏ ନେଇ ବନପାଳ ନଗେନ୍ଦ୍ର ଜେନା କହିଛନ୍ତି, ହାତୀପଲ ରାତିହେଲେ ଭାଗ ହୋଇଯାଉଛନ୍ତି। ହାତୀପଲ ଉପରେ ବନବିଭାଗ କର୍ମଚାରୀ ନଜର ରଖିଛନ୍ତି। କ୍ଷୟକ୍ଷତି ବାବଦକୁ ସରକାରୀ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ।

## ଆଇନ୍‌ଜୀବୀଙ୍କ ପରଲୋକ

କେନ୍ଦୁଝର,୧୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ବରିଷ୍ଠ ନାଗରିକ ତଥା ଆଇନଜୀବୀ ମୁକୁନ୍ଦ ପାଣ୍ଡିଆ(୭୮)ଙ୍କ ପରଲୋକ ହୋଇଯାଇଛି। ସେ ସ୍ଥାନୀୟ ଡିଏନ ହାଇସ୍କୁଲରୁ ପାସ ପରେ ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରି ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଓକିଲାତି ପାସ କରି ଟାଉ୍ ଓକିଲ ଭାବେ ନାମ କରିଥିଲେ। ସାଧାରଣ ଲୋକେ ଓ ବିଶିଷ୍ଟ ବ୍ୟକ୍ତିମାନେ ଆସି ତାଙ୍କର ଶେଷ ଦର୍ଶନ କରିଥିଲେ । ୩ ଝିଅ, ପତ୍ନୀ ଓ ପରିବାର ଉପସ୍ଥିତ ଥିଲେ। ତୁରୁମୁଙ୍ଗା ବୈତରଣୀ କୂଳେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

# ଚାରିବାଟିଆରେ ଗାନ୍ଧୀ ସ୍ମୃତି ସମାରୋହ

ବାସୁଦେବପୁର, ୧୭।୧୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁରର ଐତିହାସିକ ଚାରିବାଟିଆ ଗ୍ରାମରେ ଗାନ୍ଧୀ ସ୍ମୃତି ସମାରୋହ ରବିବାର ବାଲିମେଦ ପଞ୍ଚାୟତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ସରପଞ୍ଚ ସଂଯୁକ୍ତା ଦାସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମଧ୍ୟାହ୍ନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଅହିଂସା ମାର୍ଗକୁ ଆପଣେଇଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି ସ୍ମୃତିପୀଠର ବିକାଶ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ୭୧.୪୬ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଥିବା ବେଳେ ଖୁବ୍‌ଶୀଘ୍ର ପୀଠର ଉନ୍ନତୀକରଣ ଓ ମହାତ୍ମା ଗାନ୍ଧୀଙ୍କ ସ୍ମୃତିରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଭାବେ ବିଡିଓ ସଞ୍ଜୀବ କୁମାର ନାୟକ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ନାରୀନେତ୍ରୀ ସୁରଜିତା ନାୟକ, ଝରଣା ମଲିକ, ସରପଞ୍ଚ ଦାସ, ସାମାଜିକ କର୍ମୀ ବୈଲୋଚନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉତ୍କଳମଣି ଗୋପବନ୍ଧୁଦାସଙ୍କ ଏକ ପ୍ରତିମୂର୍ତ୍ତି ସେଠାରେ ଉନ୍ମୋଚନ ହୋଇଥିଲା। ବରିଷ୍ଠ ନାଗରିକ ଜୟନ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ଦାସ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଦେବେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ସଙ୍କୁଳସ୍ତରୀୟ ଶିଶୁ, ବିଜ୍ଞାନ ମେଳା

ଖଇରା,୧୭।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶନିବାର ସଙ୍କୁଳସ୍ତରୀୟ ଶିଶୁ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ମେଳାରେ ଜୁନିୟର ଓ ସିନିୟର ସ୍ତରରେ ୪୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ଉତ୍କଳ ଶିକ୍ଷା ପରିଷଦ ସମ୍ପାଦକ ବିଷ୍ଣୁ ପ୍ରସାଦ ବାରିକ ପତାକା ଉତ୍ତୋଳନ କରିଥିଲେ। ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ



ପ୍ରାକ୍ତନ ବିଇଓ ମଧୁସୁଦନ ସେଣ୍ଠ ମୁଖ୍ୟ ଅତିଥି, ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସବିତାରାଣି ଦାସ ସ୍ୱାଗତ ଭାଷଣ ଓ ଗୁରୁଜୀ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପିଲାମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବୁଦ୍ଧି ପରୀକ୍ଷା, ନୃତ୍ୟ ଓ ରାଇମ୍ସ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ରବିନ୍ଦ୍ର ନାୟକ ମୁଖ୍ୟ ଅତିଥି,ଅଜୟ କୁମାର ମହାନ୍ତି ମୁଖ୍ୟବକ୍ତା,ଗୁରୁମା ଅହଲ୍ୟା ମହାପାତ୍ର ସମ୍ମାନନୀୟ ଅତଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡିଏମ୍‌ଏଫ୍ ଅର୍ଥ ବିନିଯୋଗକୁ ନେଇ ହଟ୍ଟଗୋଳ

ଯୋଡ଼ା,୧୭।୧୨(ମାନସ ମହାନ୍ତି)

■ ସପ୍ତମ ପଞ୍ଚାୟତ ସମିତି ବୈଠକ

■ ଗୃହ ତ୍ୟାଗ କଲେ ସମିତି ସଭ୍ୟାସଭ୍ୟ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ଶନିବାର ପଞ୍ଚାୟତ ସମିତିର ସପ୍ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣି ଅଞ୍ଚଳକୁ ଡିଏମ୍‌ଏଫ୍ ଅର୍ଥ ମଞ୍ଜୁର ହେଉ ନ ଥିବା ଅଭିଯୋଗ କରି ବୈଠକରେ ପଞ୍ଚାୟତ ପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି ବୈଠକରେ ଗୃହୀତ ହେଉଥିବା କୌଣସି ପ୍ରକଳ୍ପକୁ ଜିଲା ପ୍ରକଳ୍ପ ଅଧିକାରୀ ମଞ୍ଜୁର କରୁ ନ ଥିବାରୁ ପଞ୍ଚାୟତଗୁଡ଼ିକରେ ବିକାଶ କାର୍ଯ୍ୟ ଠପ ହୋଇଯାଇଛି। ଏଭଳି ଅଭିଯୋଗ କରି ସମିତି ସଭ୍ୟମାନେ ସଭାଗୃହ ତ୍ୟାଗ କରିଥିଲେ।

ବୈଠକରେ ପ୍ରତି ପଞ୍ଚାୟତରେ ସ୍କୁଲ ଘର ନିର୍ମାଣ, ଜଳଯୋଗାଣ ବ୍ୟବସ୍ଥା, ମିଶନ ଶକ୍ତି ସଭାଗୃହ, ରାସ୍ତା ମରାମତି, ଡ୍ରେନ୍ ମରାମତି, ଭତ୍ତା ପ୍ରଦାନ, ବାସଗୃହ ଯୋଗାଇଦେବା ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାକୁ ରହିଥିଲା। ତେବେ ସମିତି ସଭ୍ୟ ଓ ସରପଞ୍ଚମାନଙ୍କ ଅଭିଯୋଗ ଅନୁଯାୟୀ ଯୋଡା ବ୍ଲକଟି ମୁଖ୍ୟତଃ ଖଣି ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ଜିଲା ପ୍ରଶାସନ ଏହାକୁ ଦୀର୍ଘ ୨ ବର୍ଷ ଧରି ବିକାଶମୂଳକ କାର୍ଯ୍ୟରେ ଅଣଦେଖା କରିଆସୁଛି। ରାଜ୍ୟ ସରକାର ଏହି ଖଣି ପ୍ରଭାବିତ ଅଞ୍ଚଳର ବିକାଶ ନିମନ୍ତେ ନିଜସ୍ୱ ପାଣ୍ଠିରୁ ଟଙ୍କାଟିଏ ମଧ୍ୟ ଦେଉନାହିଁ। ଜିଲା ଖଣିଜ ପାଣ୍ଠିରୁ ୧୫୧ଟି ପ୍ରକଳ୍ପ ଅନୁମୋଦନ ପାଇଁ ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ଅନୁମୋଦନ ହୋଇ ଆସିପାରିନାହିଁ। ଅଭିଯୋଗକୁ ନେଇ ସମିତି ସଭ୍ୟମାନେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ୯ଥର ଭେଟିଥିବା ବେଳେ ୬ଥର ସିଧାସଳଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଅଭିଯୋଗ ହୋଇଥିଲା। ଜିଲା ଖଣିଜ ପ୍ରତିଷ୍ଠାନ କମିଟିରେ ଖଣି ପ୍ରଭାବିତ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ, କୌଣସି ବୁଦ୍ଧିଜୀବୀ କିମ୍ବା ବ୍ଲକ୍ ଅଧ୍ୟକ୍ଷଙ୍କୁ ସଭ୍ୟ ରଖାଯାଇନାହିଁ। କନିଷ୍ଠ ଯନ୍ତ୍ରୀମାନେ ବିଭିନ୍ନ ପଞ୍ଚାୟତରେ କରୁଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କୌଣସି ସମିତି ସଭ୍ୟଙ୍କୁ ସୂଚନା ନ ଦେଇ ମନଇଚ୍ଛା କାର୍ଯ୍ୟ କରିଆସୁଛନ୍ତି ବୋଲି ବ୍ଲକ୍‌ର ଅଧ୍ୟକ୍ଷ କବିନ୍ଦ୍ର ନାଏକ ଅଭିଯୋଗ କରିଥିଲେ। ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ବିଭିନ୍ନ ରାସ୍ତା ମରାମତି କରାଯାଉ ନ ଥିବା ଏବଂ ଗ୍ରାମାଞ୍ଚଳରେବସୁଧା ଯୋଜନାରେ ଲୋକେ ପାନୀୟଜଳ ପାଇପାରୁ ନ ଥିବା ଅଭିଯୋଗ ହୋଇଥିଲା। ଏ ଦିଗରେ ତଦାରଖ କରିବା ପାଇଁ ବିଧାୟିକା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବ୍ଲକ୍ ଅଧ୍ୟକ୍ଷଙ୍କ ଅନୁରୋଧକ୍ରମେ ସମିତି ସଭ୍ୟମାନେ ପୁନର୍ବାର ବୈଠକରେ ସାମିଲ ହୋଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ କବିନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିବା ବେଳେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ବ୍ଲକ୍ ଉପାଧ୍ୟକ୍ଷା ମାଳତି ଖଟୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣିମା ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ସାହୁ, ଏମ୍‌ପିଙ୍କ ପ୍ରତିନିଧି ଜନାର୍ଦ୍ଦନ ସିଦ୍ଧୁ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କଳ୍ପନା ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ବୁଖାରୀଙ୍କ ଗୁମର...

ତଥ୍ୟ ମିଳିବ ବୋଲି ଏସ୍‌ଟିଏଫ୍ ଆଶା ବାନ୍ଧିଛି। ଅନ୍ୟପକ୍ଷରେ ଯାଜପୁର ଜିଲାର ରଗଡ଼ି ଜେଲରେ ବୁଖାରୀ ରହିଥିବା ବେଳେ ଜେଲ ବାହାରେ ସୁରକ୍ଷା ବଢ଼ାଯିବ। ଏନେଇ ଜେଲ ଅଧିକ୍ଷ ଯାଜପୁର ଏସ୍‌ପିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ସେପଟେ ଏହି ମାମଲାରେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ସଭାପତି ସୁବ୍ରତ ଦାଶ ଏତଲା ଦେଇଛନ୍ତି। ଏହି ମାମଲାରେ କମିଶନଙ୍କ ଏକ ଟିମ୍ ତଦନ୍ତ କରୁ ବୋଲି ସେ ଏତଲାରେ ନିବେଦନ କରିଛନ୍ତି। ବୁଖାରୀଙ୍କ ଦେଶବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ତାଙ୍କ ବିରୋଧରେ ଦେଶବିରୋଧୀ ଦଫା ଲଗାଇ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବୁଖାରୀ ନିଜକୁ ଡାକ୍ତର, ପିଏମ୍‌ଓ ଅଧିକାରୀ ଆଦି କହି ଓଡ଼ିଶା ସମେତ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ଯୁବତୀଙ୍କୁ ବିଭିନ୍ନ ୱେବ୍‌ସାଇଟ ଓ ଆପ୍ ମାଧ୍ୟମରେ ପ୍ରେମଜାଲରେ ଫସାଇ ବିବାହ କରୁଥିଲେ। ସେ ମହିଳାମାନଙ୍କୁ ବିବାହ ପରେ ସେମାନଙ୍କଠାରୁ ଟଙ୍କା ଲୁଟୁଥିଲେ। ବିଭିନ୍ନ ଅଞ୍ଚଳରେ ବିବାହ କରିବା ପଛରେ ନିଜକୁ ଲୁଚାଇ ରଖି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବା ବୁଖାରୀଙ୍କ ଅସଲ ଉଦ୍ଦେଶ୍ୟ ବୋଲି ସନ୍ଦେହ କରାଯାଉଛି।

## ଫସଲହାନିରୁ ଚାଷୀଙ୍କ...

ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମରୁ ଚଳିତ ଖରିଫ ଋତୁରେ ପ୍ରାୟ ୨ଏକର ଜମିରେ ଧାନ ଚାଷ ଓ ବାଡ଼ିରେ କୋବି ଚାଷ କରିଥିଲେ। ପରିବାରରେ ଚମରୁଙ୍କ ସ୍ତ୍ରୀ ଓ ଦୁଇପୁଅ ଜଗଦୀଶ ଏବଂ ଗଜପତି। ଦୁଇପୁଅ ଯୁକ୍ତ ୨ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗାଁରେ ମୂଲମଜୁରି କରିବା ସହ ବାପାଙ୍କୁ ଚାଷରେ ସହାୟତା କରୁଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ହେବାରୁ ସେମାନେ ଏବେ ଗୁଜରାଟ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ୨ ଏକର ଜମିରୁ ଫସଲ ଅମଳ ଆଶାଜନକ ନ ହେବାରୁ ଚମରୁ ଚିନ୍ତିତ ଥିଲେ। ସେ ଧାରଉଧାର କରି ଚାଷ କରିଥିବା ପରିବାର ଲୋକେ କହିଛନ୍ତି। ତେବେ କେତେ ଟଙ୍କା ସେ ଧାରଉଧାର କରିଛନ୍ତି ସେ ନେଇ ତାଙ୍କ ପରିବାର ତରଫରୁ ସ୍ପଷ୍ଟ କୁହାଯାଇନାହିଁ। ବ୍ୟାଙ୍କରୁ ଋଣ କରିଛନ୍ତି କି ନା ସେନେଇ ମଧ୍ୟ ପରିବାର ପାଖରେ ସୂଚନା ନାହିଁ। ଚାଷୀ ଆତ୍ମହତ୍ୟା ଅଭିଯୋଗ ଉଠିବା ପରେ ଟିଟିଲାଗଡ କୃଷି ବିଭାଗ ଅଧିକାରୀ ଏବଂ ମାର୍ଲାଡ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ବିନେକେଲା ଗାଁକୁ ଯାଇ ଚାଷୀ ଆତ୍ମହତ୍ୟା ଓ ଫସଲହାନି ସଂକ୍ରାନ୍ତରେ ତଦନ୍ତ କରିଥିଲେ। ଚଳିତବର୍ଷ ବଲାଙ୍ଗୀର ଜିଲାରେ ଦୁଇଜଣ ଚାଷୀ ଆତ୍ମହତ୍ୟା କରିବା ଅଭିଯୋଗ ଉଠିଲାଣି। କିଛିଦିନ ପୂର୍ବରୁ ପୁଇଁତଲା ବ୍ଲକ ଅନ୍ତର୍ଗତ ବୁଢେଲ ଗାଁର ଜଣେ ଚାଷୀ ଚକଡା ଯୋଗୁ ଫସଲହାନି ହେବାରୁ ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

